- ସଠିକ୍ ପରିମାଣରେ ଖାଦ୍ୟ ଗ୍ରହଣ ତଥା ଶରୀରର ବୃଦ୍ଧି ନିମନ୍ତେ ଆଲୋକ ଆବଶ୍ୟକ। ତେଣୁ ଆବଶ୍ୟକତା ଅନୁସାରେ ଆଲୋକର ବ୍ୟବସ୍ଥା କରାଯାଇଥାଏ। (୧୫୦ ୱାଟ ବଲ୍‌ବ ୧୦୦୦ ବର୍ଗ କ୍ଷେତ୍ର ସ୍ଥାନ ନିମନ୍ତେ ଆବଶ୍ୟକ।)

## ଖାଦ୍ୟ ପରିଚାଳନା

ଉତ୍ପାଦନ ବ୍ୟବସ୍ଥା ଯାହାବି ହେଉ ସ୍ୱଳ୍ପ ମହଙ୍ଗା ଦାନାର କ୍ରମାଗତ ଯୋଗାଣ ଦ୍ୱାରା କୁକୁଡ଼ା ପାଳନର ସୁବ୍ୟବସ୍ଥା ହୋଇପାରିବ। ବ୍ୟାପକ ପ୍ରଣାଳୀ ରେ କୁକୁଡ଼ା ମାନଙ୍କର ଉତ୍ପାଦକତା ବୃଦ୍ଧି ନିର୍ଭର କରେ ଲୋକ ସଂଖ୍ୟା, ଗୃହର ବର୍ଜ୍ୟ, ବଳକା ଶସ୍ୟ ଦାନା ଏବଂ ଘୁରି ବୁଲି ଖାଇବା ଭଳି ଦାନା ଖାଦ୍ୟ (ରୋଷେଇ ଆବର୍ଜନା, ଶସ୍ୟ ଦାନା, ଆଳୁ, କୀଟପୋକ ଇତ୍ୟାଦି) ଉପରେ। ଖୋଲାରେ କୁକୁଡ଼ା ଚାଷ ଓ ବାଡ଼ି ଅଗଣାରେ କୁକୁଡ଼ା ଚାଷରେ ଖରା ଦିନେ ସାଧାରଣତଃ ଖାଦ୍ୟା ଭାବ ହୁଏ, ତେଣୁ ସେମାନଙ୍କ ଉତ୍ପାଦକତା କମିଯାଏ। କୁକୁଡ଼ା ମାନଙ୍କୁ ମିନେରାଲ୍, ପ୍ରୋଟିନ୍ ଓ ଶକ୍ତି ପ୍ରଦାୟକ ଖାଦ୍ୟ ଦିଆଯାଇଥାଏ। ଗ୍ରାମରେ ପାରମ୍ପରିକ କୁକୁଡ଼ା ପାଳନରେ କୁକୁଡ଼ା ପ୍ରତି ୩୫ ଗ୍ରାମ୍ ଦାନା ଦିଆହୁଏ। ଅର୍ଦ୍ଧ ସଘନ ପଦ୍ଧତିରେ ଦାନାର କିଛି ଅଂଶ ସେମାନେ ଘୁରି ବୁଲିଖାଆନ୍ତି ଓ ବାକି ଅଧିକ ସନ୍ତୁଳିତ ଖାଦ୍ୟ ଅନୁସାରେ ଦିଆହୁଏ। ଶସ୍ୟ ଓ ଅବର୍ଜନା ଆଦି ତାଙ୍କର ସମ୍ପୂର୍ଣ୍ଣ ଆହାର ପାଇଁ ଯଥେଷ୍ଟ ହୁଏ ନାହିଁ। ତେଣୁ ଆମକୁ କୁକୁଡ଼ା ଦାନା ତିଆରି କରି ଦେବାକୁ ପଡ଼ିଥାଏ।

### କୁକୁଡ଼ା ଦାନା ପ୍ରସ୍ତୁତି:

| ଉପକରଣ | ପରିମାଣ |
|---|---|
| ମକା / ମାଣ୍ଡିଆ / ଯ / ଖୁଦ ଇତ୍ୟାଦି | ୫୦ ଭାଗ |
| ଧାନ କୁଣ୍ଡ / ଗହମ କୁଣ୍ଡ ଇତ୍ୟାଦି | ୨୦ ଭାଗ |
| ସୋୟାବିନ୍ ଗୁଣ୍ଡ / ବାଦାମ ପିଡ଼ିଆ / ସୂର୍ଯ୍ୟମୁଖୀ ପିଡ଼ିଆ ଇତ୍ୟାଦି | ୨୮ ଭାଗ |
| ଜୀବସାର ଓ ଖଣିଜ ଲବଣ | ୨ ଭାଗ |

## ଟିକାକରଣ

ସଂକ୍ରାମକ ରୋଗରୁ ରକ୍ଷା କରିବା ପାଇଁ ଟିକାକରଣ ହେଉଛି ପ୍ରମୁଖ ଉପଚାର। ଟିକାକରଣ ଦ୍ୱାରା ଶରୀରର ପ୍ରତିରକ୍ଷା ବ୍ୟବସ୍ଥା ସଜାଗ ହୋଇଥାଏ। ଉନ୍ନତ ମାନର ଏବଂ ଭଲ ନାମୀ ମ୍ୟାନୁଫ୍ୟାକଚରରଙ୍କ ଟିକା ଦେବା ଦ୍ୱାରା ପ୍ରତିରକ୍ଷା ବ୍ୟବସ୍ଥା ଦୃଢ଼ ହୁଏ। ଆଣ୍ଟିଜେନ ମାନଙ୍କୁ ଏଭଳି ପ୍ରରଣ କରିବା ଉଚିତ୍, ଯେପରି ଉନ୍ନତ ଫଳ ମିଳିବ। ତା' ଛଡ଼ା ଉନ୍ନତ ଖାଦ୍ୟ ବ୍ୟବସ୍ଥା ଓ ଷ୍ଟ୍ରେସ (ଅବସାଦ) ହ୍ରାସ କରିବା ଉପରେ ଗୁରୁତ୍ୱ ଦେବା ଉଚିତ୍।

### କୁକୁଡ଼ା ଚିଆଁକୁ ଟିକା ଦେବାର ନିୟମାବଳୀ

| ସଂଖ୍ୟା | ବୟସ | ଟିକାର ନାମ | ପରିମାଣ | ପଦ୍ଧତି |
|---|---|---|---|---|
| ୧. | ୧ଥମ ଦିନ | ମାରେକ୍ସ ଟିକା | ୦.୨ ମି.ଲି | ବେକ ତଳ ଚମଡ଼ାରେ |
| ୨. | ୫-୭ ଦିନ ମଧ୍ୟରେ | ରାଣୀକ୍ଷେତ ଟିକା ଲାସୋଟା | ୧ ବୁନ୍ଦା | ନାକପୁଡ଼ାରେ କିମ୍ବା ଆଖିରେ |
| ୩. | ୧୪ ଦିନ ବୟସ | ଆଇ.ବି.ଡ଼ି.ଟିକା | ୧ ବୁନ୍ଦା | ପାଟିରେ /ଆଖିରେ ଡ୍ରପର୍ ସାହାଯରେ |
| ୪. | ୨୪ ଦିନ | ଆଇ.ବି.ଡ଼ି.ଟିକା | ୧ ବୁନ୍ଦା | ଆଖିରେ ଡ୍ରପର୍ ସାହାଯରେ |
| ୫. | ୨୮ ଦିନ | ରାଣୀକ୍ଷେତ ଟିକା ଲାସୋଟା | ୧ ବୁନ୍ଦା | ଆଖିରେ ଡ୍ରପର୍ ସାହାଯରେ |
| ୬. | ୬ ସପ୍ତାହ | କୁକୁଡ଼ା ବସନ୍ତ ଟିକା | ୦.୨ ମି.ଲି | ମାଂସ ତଳେ |

## ଅର୍ଥନୈତିକ ବିଶ୍ଳେଷଣ

| | ସର୍ବ ମୋଟ୍ (Rs.) |
|---|---|
| **ଖର୍ଚ୍ଚ** | |
| ଚିଆଁ ଦର @ Rs. 35/- ଚିଆଁ (୪ ସପ୍ତାହ) | ୭୦୦ |
| କୁକୁଡାର ରକ୍ଷଣାବେକ୍ଷଣ (୪-୧୨ ସପ୍ତାହ @ Rs. 30 /- / କୁକୁଡା) | ୬୦୦ |
| ମାଈ କୁକୁଡ଼ାର ରକ୍ଷଣାବେକ୍ଷଣ (୧୨/୭୨ ସପ୍ତାହ @ Rs. 30 /- / କୁକୁଡ଼ା) | ୧୩୫୦ |
| **ସର୍ବମୋଟ** | **୨୬୫୦** |
| **ଆମଦାନୀ** | |
| ଗଞ୍ଜାଙ୍କ ୧୨ ସପ୍ତାହରେ ବିକ୍ରି କରି (୧.୫ କି.ଗ୍ରା.) @ Rs. 150/- କି.ଗ୍ରା. | ୨୦୨୫ |
| ଅଣ୍ଡା ବିକ୍ରୟ (୧୨୦ ଅଣ୍ଡା / କୁକୁଡ଼ା) @ Rs. 5/- ଅଣ୍ଡା | ୫୪୦୦ |
| ଅଣ୍ଡାଦେବା ସମୟ ଗଲା ପରେ ମାଈ କୁକୁଡ଼ାଙ୍କ ବିକ୍ରି (୨.୫ କି.ଗ୍ରା) @ Rs. 75/- କି.ଗ୍ରା | ୧୬୮୮ |
| **ସର୍ବ ମୋଟ** | **୯୧୩୩** |
| **ଲାଭ (ଆମଦାନୀ - ଖର୍ଚ୍ଚ)** | **୬୪୬୩** |

# ପାରିବାରିକ କୁକୁଡ଼ା ପାଳନ

ଅରୁଣ କୁମାର ପଣ୍ଡା, ବିଶ୍ୱନାଥ ସାହୁ, ଅନୀଲ କୁମାର, ଦେବେନ୍ଦ୍ର ନାଥ ଶଡଙ୍ଗୀ, ପିନାକୀ ସାମଲ



भा.कृ.अनु.प.- केन्द्रीय कृषिरत महिला संस्थान, भुवनेश्वर
ଭା.କୃ.ଅନୁ.ପ, କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ, ଭୁବନେଶ୍ୱର

ପୁରାତନ କାଳରୁ ବାଡ଼ିଅଗଣା ରେ କୁକୁଡ଼ା ରଖିବା ଭାରତର ଗ୍ରାମୀଣ ଲୋକଙ୍କ ଏକ ସୁଅଭ୍ୟାସ ଯେଉଁଥିରେ କି ମହିଳା ମାନେ ଅଗ୍ରଣୀ ଭୂମିକା ଗ୍ରହଣ କରିଥାନ୍ତି । କ୍ଷୁଦ୍ର ଭୂମିହୀନ ଚଷୀ, ଅନୁସୂଚିତ ଜାତି ଓ ଉପଜାତି ଆଦି ସ୍ଥାନୀୟ ପ୍ରଜାତିର କୁକୁଡ଼ା ପାଳନ କରି ନିଜର ଗୁଜୁରାଣ ମେଣ୍ଟାଉଥିଲେ । ବିଗତ ଦିନ ଗୁଡ଼ିକରେ, ଭାରତରେ କୁକୁଡ଼ା ପାଳନ ଦିଗରେ ବହୁତ ଉନ୍ନତି ହୋଇଅଛି । ଭାରତରେ ଅଣ୍ଡା ଉତ୍ପାଦନର ୨୧% ଭାଗ ଅଣ୍ଡା ଗ୍ରାମୀଣ କୁକୁଡ଼ା ପାଳନ ଠାରୁ ଆସୁଥିବା ବେଳେ ମଧ୍ୟ, ଭାରତରେ ଗ୍ରାମାଞ୍ଚଳ ଏବେ ମଧ୍ୟ ଅଣଦେଖା ହୋଇ ରହିଛି । ସହରାଞ୍ଚଳରେ ରହୁଥିବେ ଲୋକ (୨୫%) ଆନୁମାନିକ, ୩୫-୮୦% ଅଣ୍ଡା ଓ ମାଂସ ଖାଉଛନ୍ତି । ଫଳରେ ଗ୍ରାମାଞ୍ଚଳରେ ଲୋକମାନେ ଅଣ୍ଡା ଓ ମାଂସ ଭଳି ପୁଷ୍ଟିକର ଖାଦ୍ୟ ସମଦରରେ କ୍ରୟ କରି ଖାଇ ପାରୁ ନାହାନ୍ତି । ଏହାର ଫଳସ୍ୱରୂପ ପୁଷ୍ଟି ଅଭାବ ଜନିତ ରୋଗ, ଗ୍ରାମାଞ୍ଚଳରେ ଅଧିକ ପରିମାଣରେ ଦେଖିବାକୁ ମିଳୁଛି । ପାରିବାରିକ କୁକୁଡ଼ା ପାଳନ ଦ୍ୱାରା ଏହି ସମସ୍ୟାକୁ ଦୂର କରିହେବ ।

## ପାରିବାରିକ କୁକୁଡ଼ା ପାଳନ

ସ୍ଥାନୀୟ ଉପଲବ୍ଧ ଥିବା ଖାଦ୍ୟକୁ ବ୍ୟବହାର କରି, ପରିବାରର ସଦସ୍ୟ ମାନେ ଏକତ୍ର ଶ୍ରମଦାନ କରି ନିଜ ବାଡ଼ି ଅଗଣାରେ କରୁଥିବା କୁକୁଡ଼ା ଚଷକୁ ପାରିବାରିକ କୁକୁଡ଼ା ପାଳନ କୁହାଯାଏ ।

## ଉପକାରିତା

- କମ୍ ଖର୍ଚ୍ଚ, କମ୍ ଜାଗା ଓ କମ୍ ପରିଶ୍ରମରେ ଏହି ଚଷ ସମ୍ଭବ ହୋଇପାରୁଛି ।
- ଅତ୍ୟନ୍ତ ସହଜ ପ୍ରଣାଳୀ ।
- ଖୁବ୍ କମ୍ ସମୟ ମଧ୍ୟରେ ଅଧିକ ଆୟର ଆମଦାନୀ ।
- ଗ୍ରାମୀଣ ଅର୍ଥାବସ୍ଥାକୁ ଉନ୍ନତି କରାଇବାରେ ଏହା ସହାୟକ ହୁଏ ।
- ଏହାକୁ ଅନ୍ୟ ଚାଷ ସହିତ ମିଶ୍ରିତ ଭାବରେ କରାଯାଇ ପାରୁଛି ।
- ମୃତ୍ତିକାର ଉର୍ବରତା ବୃଦ୍ଧିରେ ମଧ୍ୟ ଏହି ଚାଷ ସହାୟକ ହୋଇଥାଏ ।
- ଗ୍ରାମାଞ୍ଚଳରେ ପାଳନ ହୋଇଥିବା କୁକୁଡ଼ାର ଅଣ୍ଡା ଓ ମାଂସରେ 'କୋଲେଷ୍ଟ୍ରୋଲ' ର ପରିମାଣ କମ୍ ଥାଏ ।
- ଅତି ସୁବିଧାରେ ଗ୍ରାମରେ ଥିବା ମହିଳାମାନେ ଏହାକୁ ସୁଚାରୁ ରୂପେ ପାଳନ କରିପାରନ୍ତି ।

## ପାରିବାରିକ କୁକୁଡ଼ା ପାଳନ ପାଇଁ ଉପଯୋଗୀ କୁକୁଡ଼ା

ଗ୍ରାମାଞ୍ଚଳ ମାନଙ୍କରେ ସାଧାରଣତଃ 'ଦେଶୀ' ପ୍ରଜାତିର କୁକୁଡ଼ା ପାଳନ କରାଯାଏ । ଏହି କୁକୁଡ଼ାମାନଙ୍କ ରକ୍ଷଣାବେକ୍ଷଣା ସ୍ୱଳ୍ପ ଖର୍ଚ୍ଚରେ ହୋଇପାରେ । ପୁଣି ସେମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ଅନ୍ୟ ପ୍ରଜାତିର କୁକୁଡ଼ା ଅପେକ୍ଷା ଅଧିକ ଥାଏ ଓ ସେମାନେ ସେଠାକାର ପରିବେଶ ସହିତ ଉତ୍ତମ ଭାବରେ ଖାପଖୁଆଇ ରହିପାରନ୍ତି । ଅସୁବିଧା ମାତ୍ର ଏତିକି ଯେ ସେମାନଙ୍କର ଅଣ୍ଡାର ପରିମାଣ ବହୁତ କମ୍ ହୋଇଥାଏ (୫୦-୬୫ ଅଣ୍ଡା / ବର୍ଷ), ଯାହାକି ବିଦେଶୀ ପ୍ରଜାତିର କୁକୁଡ଼ା ମାନଙ୍କ ତୁଳନାରେ ବେଶ୍ କମ୍ ଅଟେ (୩୩୦ ଅଣ୍ଡା / ବର୍ଷ) ।

ତେଣୁ ଉପରୋକ୍ତ ଅସୁବିଧାକୁ ନଜରରେ ରଖି ଭାରତୀୟ କୃଷି ଅନୁସନ୍ଧାନ ପରିଷଦ, ଏହା ଉପରେ ଗବେଷଣା ଆରମ୍ଭ କରି ସଫଳତା ସହିତ ଗ୍ରାମାଞ୍ଚଳରେ ଥିବା ଦେଶୀ ଓ ବିଦେଶୀ କୁକୁଡ଼ାର ସମ୍ମିଶ୍ରଣରେ ଏପରି ଉନ୍ନତ କିସମର କୁକୁଡ଼ା ଉତ୍ପାଦନ କରିଛନ୍ତି ଯେଉଁମାନେ ବେଶୀ ପରିମାଣରେ ଅଣ୍ଡା ଦେବା ସହ ଏଠାକାର ପାଣିପାଗ ସହ ଖାପଖୁଆଇ ଚଳିପାରନ୍ତି ।

| କିସମ | ପ୍ରକାର |
|---|---|
| ଗିରିରାଜା | ଦ୍ୱିବିଧ (ମାଂସ ଓ ଅଣ୍ଡା) |
| ଗିରିରାଣୀ | ଅଣ୍ଡା |
| ସ୍ୱର୍ଣ୍ଣଧାର | ଅଣ୍ଡା |
| ବନରାଜା | ଦ୍ୱିବିଧ |
| ଗ୍ରାମପ୍ରିୟା | ଅଣ୍ଡା |
| କୃଷିବ୍ରୋ | ମାଂସ |
| ଶ୍ରୀନିଧି | ଦ୍ୱିବିଧ |

## କୁକୁଡ଼ା ଘର

ଲାଭଜନକ କୁକୁଡ଼ା ପାଳନ ପାଇଁ ଏକ ଉତ୍ତମ କୁକୁଡ଼ା ଘରର ଆବଶ୍ୟକତା ରହଅଛି । ସୂର୍ଯ୍ୟକିରଣ, ପବନ, ବର୍ଷା, ବର୍ଦ୍ଧିତ ତାପମାତ୍ର ତଥା ହିଂସ୍ର ଜୀବଜନ୍ତୁଙ୍କ ଠାରୁ ରକ୍ଷା ପାଇବା ପାଇଁ କୁକୁଡ଼ା ଘରର ଆବଶ୍ୟକତା ରହିଛି । କୁକୁଡ଼ା ପାଳନ ମୁଖ୍ୟତଃ ମୁକ୍ତ ପ୍ରାଙ୍ଗଣ ପଦ୍ଧତି ଓ ଅର୍ଦ୍ଧସଘଂନ କୁକୁଡ଼ା ପାଳନ ପଦ୍ଧତିରେ କରାଯାଏ । ଏହି ୨ ଗୋଟି ପଦ୍ଧତିରେ ରାତ୍ରୀ ଆଶ୍ରୟ ନିମନ୍ତେ ଘରଟିଏ ନିତ୍ୟାନ୍ତ ଆବଶ୍ୟକ ଅଟେ । ଗ୍ରାମାଞ୍ଚଳରେ ଏହାକୁ ସ୍ୱଳ୍ପ ଖର୍ଚ୍ଚରେ ବାଉଁଶ, କାଠରେ ତିଆରି କରିହୁଏ । ସେଠାରେ ପାଣିର ବ୍ୟବସ୍ଥା ମଧ୍ୟ ରହିବା ଆବଶ୍ୟକ ।

କିନ୍ତୁ ଯେତେବେଳେ କୁକୁଡ଼ାଙ୍କୁ ସଘଂନ ପଦ୍ଧତିରେ ପାଳନ କରାହୁଏ, କୁକୁଡ଼ା ଘର ତିଆରି କରିବା ନିତ୍ୟାନ୍ତ ଆବଶ୍ୟକ ହୋଇଥାଏ ।

**କୁକୁଡ଼ା ଘର ତିଆରି ନିମନ୍ତେ, ନିମ୍ନଲିଖିତ ପ୍ରସଙ୍ଗ ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ:**

୧. କୁକୁଡ଼ା ଘର ସାଧାରଣତଃ 'ପୂର୍ବ - ପଶ୍ଚିମ' ଦିଗରେ କରିବା ଆବଶ୍ୟକ । ଏହା ଫଳରେ ଉତ୍ତରା ପବନ ଘରର ଝରକା ଦେଇ ପ୍ରବେଶ କରେ ଓ ଗ୍ରୀଷ୍ମ ପ୍ରବାହରୁ ରକ୍ଷା କରିଥାଏ ।
୨. ଯେଉଁ ଜାଗାଟି କୁକୁଡ଼ା ଘର ତିଆରି ପାଇଁ ଚୟନ କରା ହେବ, ସେ ଜାଗାଟି ପାରିପାର୍ଶ୍ୱିକ ସମତଳ ଠାରୁ ଉଚ୍ଚରେ ହେବା ଆବଶ୍ୟକ ଅଟେ । ଫଳରେ ବର୍ଜ୍ୟ ଅତ୍ୟାବଶ୍ୟକ ଏବଂ ବର୍ଷା ଜଳ ସହଜରେ ବହି ଯାଇପାରିବ ।
୩. ଏତଦ୍ ସମେତ ସେଠାକୁ ପାଣି, ବିଜୁଳି ଓ ରାସ୍ତା ଆଦିର ସୁବିଧା ନିତ୍ୟାନ୍ତ ଆବଶ୍ୟକ ।
୪. ଏହା ଜନବସତି ଠାରୁ ଦୂରରେ ରହିବା ଆବଶ୍ୟକ ଅଟେ ।
୫. ଏହାର ନିକଟବର୍ତ୍ତୀ ସ୍ଥାନରେ ସହଜରେ ଏବଂ ସୁଲଭ ମୂଲ୍ୟରେ କୁକୁଡ଼ା ଖାଦ୍ୟ, ଔଷଧ ସାମଗ୍ରୀ ଏବଂ ଚିକିତ୍ସା ସୁବିଧା ଥିବା ଆବଶ୍ୟକ ।
୬. କୁକୁଡ଼ା ଘରର ମଧ୍ୟଭାଗର ଉଚ୍ଚତା ୩.୦ ରୁ ୩.୨ ମିଟର ହୋଇଥିବା ବେଳେ ପାର୍ଶ୍ୱ କାନ୍ଥର ଉଚ୍ଚତା ୨.୨ ରୁ ୨.୪ ମିଟର ହେବା ଦରକାର ଯାହା ଫଳରେ ପାଣି ଉତ୍ତମ ଭାବରେ ବହି ଯାଇ ପାରିବ ।
୭. କୁକୁଡ଼ା ଘର ଛାତରେ ଆଜବେଷ୍ଟସ୍, ଟିଣ ଚାଦର ବା ଟାଇଲ୍ ବ୍ୟବହାର କରାଯାଏ ।
୮. ବର୍ଷା ଓ ସୂର୍ଯ୍ୟକିରଣ ଠାରୁ ରକ୍ଷା ପାଇବା ପାଇଁ ଘରର ଛାତ ୧ ରୁ ୧.୨ ମିଟର ବାହାରକୁ ରହିବା ଆବଶ୍ୟକ ଅଟେ ।

## ବୃଡ଼ିଂ

ଅଣ୍ଡାରୁ ଛୁଆ ଫୁଟିବା ପରେ, କୁକୁଡ଼ା ଚିଆଁ ମାନଙ୍କ ଶରୀରରେ ପର ନଥାଏ । ଫଳରେ ସେମାନେ ନିଜ ଶରୀରର ତାପମାତ୍ରା ନିୟନ୍ତ୍ରଣ କରିପାରନ୍ତି ନାହିଁ । ତେଣୁ ତାଙ୍କୁ ବାହାରୁ ତାପମାତ୍ରା ଦେବା ପ୍ରକ୍ରିୟାକୁ ବୃଡ଼ିଂ କୁହାଯାଏ । ଏହି ପ୍ରକ୍ରିୟା ଜନ୍ମ ଠାରୁ ୪-୬ ସପ୍ତାହ ପର୍ଯ୍ୟନ୍ତ କରାହୁଏ । ଏହି ବୃଡ଼ିଂ ସାଧାରଣତଃ ୨ ପ୍ରକାରର ଅଟେ ।

୧. ପ୍ରାକୃତିକ ବୃଡ଼ିଂ
୨. କୃତ୍ରିମ ବୃଡ଼ିଂ

### ୧. ପ୍ରାକୃତିକ ବୃଡ଼ିଂ

ପ୍ରାକୃତିକ ବୃଡ଼ିଂରେ , ମା କୁକୁଡ଼ା ଅଣ୍ଡା ଉପରେ ବସି ଛୁଆ ଫୁଟାଏ, ସେ ଏହି ପ୍ରକ୍ରିୟା କରିଥାଏ । ସେପରି ମା କୁକୁଡ଼ାଙ୍କୁ ବୃଡ଼ିଂ କୁକୁଡ଼ା କୁହାଯାଏ । ଗୋଟେ ବୃଡ଼ିଂ କୁକୁଡ଼ା ଥରରେ ୧୦-୧୨ ଟି ଚିଆଁଙ୍କୁ ବୃଡ଼ିଂ କରିପାରେ । ଏହି କୁକୁଡ଼ା ଦିନରେ ଖାଦ୍ୟ ଅନୁସନ୍ଧାନ କରିବା ନିମନ୍ତେ ଯାଇଥାଏ କିନ୍ତୁ ରାତ୍ରିରେ ବସାରେ ବସି ବୃଡ଼ିଂ କରିଥାଏ । ଏହି ପ୍ରକ୍ରିୟା ସାଧାରଣତଃ ଘର ପଛପଟେ ହେଉଥିବା କୁକୁଡ଼ା ଚାଷରେ କରାଯାଏ ।

### ୨. କୃତିମ ବୃଡ଼ିଂ

ମା କୁକୁଡ଼ା ଠାରୁ ଅଲଗା ରଖାଯାଉଥିବା ଚିଆଁଙ୍କପାଇଁ ଏହି କୃତ୍ରିମ ବୃଡ଼ିଂ ପଦ୍ଧତି ବ୍ୟବହାର କରାଯାଏ । ଏହି ପଦ୍ଧତି ଅନୁସାରେ ବିଦ୍ୟୁତ୍ ବଲ୍‌ବ ଓ କାଠ, କିରୋସିନି, କାଠ ଗୁଣ୍ଡ ଓ ଇନଫ୍ରାରେଡ୍ ବଲ୍‌ବ ଆଦି ବ୍ୟବହାର କରାଯାଏ । ୫ ୱାଟ / ଚିଆଁ ହିସାବରେ ଉତ୍ତାପ ଦରକାର ହୋଇଥାଏ ।

## ବୃଡ଼ିଂ / ଚିଆଁଘର ପ୍ରସ୍ତୁତି:

- ଯେଉଁ ଘରେ ଚିଆଁ ରଖା ହେବ ତାକୁ ଭଲ ଭାବରେ ସଫା କରି ତାକୁ ରାସାୟନିକ ଧୁଆଁ ଦେଇ ଜୀବାଣୁ ମୁକ୍ତ କରିବା ଆବଶ୍ୟକ । ସମସ୍ତ ଉପକରଣକୁ ବିସମରୂପେ ସଫା କରି ଜୀବାଣୁ ମୁକ୍ତ କରିବା ଦରକାର ।
- ଭୂମିରେ ୫ ରୁ ୧୦ ସେ.ମି. ମୋଟାର କରତ ଗୁଣ୍ଡ, କାଠ ଗୁଣ୍ଡ କିମ୍ବା ଅଗଡ଼ୀ ବିଛେଇବା ଆବଶ୍ୟକ ।
- ଚିଆଁ ଆସିବାର ଦିନକ ପୂର୍ବରୁ ଚିଆଁ ଘରକୁ ୩୧ ରୁ ୩୫ ସେଲସିୟସ୍ ତାପମାତ୍ରାକୁ ନିୟନ୍ତ୍ରଣ କରିବା ଦରକାର ।
- ଚିଆଁ କେତେକ ସ୍ଥାନରେ ବିଛା ଯାଇଥିବା ଅଗାଡ଼ୀ ତଥା କରତଗୁଣ୍ଡକୁ ଖାଇ ମରିଯାନ୍ତି ତେଣୁ ଏହାକୁ ରୋକିବା ପାଇଁ ଅଗାଡ଼ୀ ଉପରେ ପୁରାତନ ଖବର କାଗଜ ବିଛାଇବା ନିତ୍ୟାନ୍ତ ଆବଶ୍ୟକ ।
- ଏହି ଖବର କାଗଜ ଉପରେ ପ୍ରସ୍ତୁତ ହୋଇଥିବା ଦାନା ଯଥା ମକା ଆଦି ଦିଆଯାଇଥାଏ । ଏହାକୁ କୁକୁଡ଼ା ଚିଆଁ ମାନେ ଖାଆନ୍ତି । ପାନୀୟ ଜଳର ବ୍ୟବସ୍ଥା ମଧ୍ୟ ଦରକାର ହୋଇଥାଏ ।
- ପାନୀୟ ଜଳରେ ୩ ରୁ ୫ ଦିନ ଯାଏଁ ଇଲେକ୍ଟ୍ରୋଲାଇଟ୍ ଓ ଆଣ୍ଟିବାୟୋଟିକ୍ ମିଶ୍ରିତ ଭାବରେ ଦିଆଯାଇଥାଏ । ଏହା ଚିଆଁ ମୃତ୍ୟୁ ହାର କମ୍ କରିଥାଏ ।